# ପ୍ରଚାର ଡ଼ାଏରୀ

ତା.୨୦.୦୪.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଲୋକପାଳ ନିଯୁକ୍ତି ନେଇ ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକ ସମାଧାନର ନାମ ହିଁ ନେଉନାହିଁ । ଉ.ପା ସରକାର ଲୋକପାଳ ଆକ୍ଟ ଅନୁଯାୟୀ ଯେଉଁ ନିୟମ ଗୁଡ଼ିକ ପ୍ରସ୍ତୁତ କରିଥିଲେ ତାହା ପ୍ରଥମ ସମୀକ୍ଷାରୁ ହିଁ ଦ୍ୱନ୍ଦ୍ୱାତ୍ମକ ଭଳି ମନେହେଉଥିଲା ଓ ତାହା ସୁପ୍ରିମ କୋର୍ଟ ଆଗରେ ମଧ୍ୟ ଏକ ବିରାଟ ସମସ୍ୟା ଠିଆ କରାଇ ଦେଇଥିଲା ।

ପ୍ରାୟ ନିର୍ବାଚନର ଶେଷ ବେଳକୁ ଉ.ପା ସରକାର  ଲୋକପାଳର ସଦସ୍ୟ ଓ ଚେୟାରପରସନଙ୍କୁ ନିଯୁକ୍ତି ଦେଇଥିଲେ । ଏକ ତଦନ୍ତ କମିଟି ମଧ୍ୟ ତରବରିଆ ଭାବରେ ଗଠନ କରିଥିଲେ । ଯେଉଁଠି ପରସୋନେଲ ବିଭାଗ ତଦନ୍ତ କମିଟିର କ୍ଷମତାକୁ ଅକ୍ତିଆର କରିଥିଲା ଏବଂ ନିଯୁକ୍ତି ଦେବା ପାଇଁ କିଛି ଲୋକଙ୍କ ତାଲିକା ମଧ୍ୟ ପ୍ରସ୍ତତ କରିଥିଲା । ତଦନ୍ତ କମିଟିର ସଦସ୍ୟମାନେ ମଧ୍ୟ ଏହା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ହୋଇ ନଥିଲେ । ଦୁଇ ଜଣ ବିଶିଷ୍ଟ ସଦସ୍ୟ ଫଲି ଏସ. ନରିମ୍ୟାନ ଓ ଜଷ୍ଟିସ କେ.ଟି ଥମାସ ଏହି କାରଣରୁ ତଦନ୍ତ କମିଟିରୁ ଇସ୍ତଫା ଦେଇଥିଲେ ।

ଆଜି ଲୋକପାଳର ଏକ ପୂର୍ଣ୍ଣ ତଦନ୍ତ କମିଟି ନାହିଁ । ଏହା ପୁଣି ଥରେ ଗଠନ ହେବା ପରେ ନିଯୁକ୍ତି ହେବାକୁ ଥିବା ବ୍ୟକ୍ତିଙ୍କ ନାମକୁ ପରୀକ୍ଷା କରାଯିବ ଓ ରାଷ୍ଟ୍ରପତିଙ୍କ ପାଖକୁ ପଠାଯିବ ।

ହେଲେ ବର୍ତ୍ତମାନ ଦେଶର ନିର୍ବାଚନ ପ୍ରାୟ ଅଧା ଅଧି ଶେଷ ହୋଇ ଫଳାଫଳ ପ୍ରକାଶ ପାଇ ନୂତନ ସରକାର ଗଠନ ପାଇଁ ମାତ୍ର ୨୬ ଦିନ ବାକି ରହିଛି । ତେଣୁ ଉକ୍ତ ସମୟ କାଳ ମଧ୍ୟରେ ଲୋକପାଳ ନିଯୁକ୍ତିକୁ ଜବରଦସ୍ତ ଭର୍ତ୍ତି କରାଇ ଉପା ସରକାର ସଠିକ କାର୍ଯ୍ୟ କରୁଅଛି ? ବୋଧହୁଏ ନା ।

ଏହା ନିର୍ବାଚନ ଆଚରଣବିଧିର ଉଲଙ୍ଘନ ଭଳି କାର୍ଯ୍ୟ ଅଟେ ।  ଏହା କରିବା ଦ୍ୱାରା ଲୋକପାଳ ଭଳି ନ୍ୟାୟିକ ସଂସ୍ଥାର ବିଶ୍ୱସ୍ତତା ନଷ୍ଟ ହେବା ସହ ତାହାର ଗଠନ ପୂର୍ବରୁ ଜନତାଙ୍କ

ପାଖରେ ଏକ ବିରାଟ ସନ୍ଦେହର ପ୍ରାଚୀର ଠିଆ କରାଇବ । ତେଣୁ ଏହାକୁ ତତକ୍ଷଣାତ ରୋକାଯିବା ଆବଶ୍ୟକ । ତଦନ୍ତ କମିଟିର ଶୂନ୍ୟସ୍ଥାନକୁ ପୂରଣ କରିବା ନେଇ ପ୍ରଧାନ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯେଉଁ ଯୋଜନା ଚାଲୁଅଛି ତାହାକୁ ମଧ୍ୟ ରୋକାଯିବା ନିହାତି ଆବଶ୍ୟକ ।

ଡଃ ମନମୋହନ ସିଂହ ନିଜ ପଦବୀ ତ୍ୟାଗ କରିବା ସମୟରେ ଲୋକପାଳ ନିଯୁକ୍ତି କରିବା ଦ୍ୱାରା ତାଙ୍କୁ ଜନତା କ୍ଷମତାର ଅପବ୍ୟବହାର କରି ସମ୍ବିଧାନର ସର୍ବୋଚ୍ଚ ସଂସ୍ଥାର ମର୍ଯ୍ୟାଦା ହ୍ରାସ କରାଇବା ପାଇଁ ମନେ ରଖିବେ । ଆଜି ତାଙ୍କୁ ଏପରି ଅଣସାମ୍ବିଧାନିକ କାର୍ଯ୍ୟ କରିବାଠାରୁ ଦେଶର ଗଣତାନ୍ତ୍ରିକ ପଦ୍ଧତି ହିଁ ରୋକି ପାରିବ । ଏହା ମାଧ୍ୟମରେ କେବଳ ପ୍ରଧାନମନ୍ତ୍ରୀଙ୍କର ବିଶ୍ୱସ୍ତତା ହିଁ ନଷ୍ଟ ହେଉଛି କହିଲେ ଭୂଲ ହେବନାହିଁ ।